## ଆନ୍ତଃ ରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ।

## ଚଳିତ ବର୍ଷର ବାର୍ତ୍ତା ହେଉଛି 'ମାନବ ଜାତି ପାଇଁ ଯୋଗ' ।

ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ନିଷ୍ପତ୍ତିକ୍ରମେ ୨୦୧୫ ମସିହାରୁ ପାଳିତ ହୋଇଆସୁଅଛି । ଯୋଗ ହେଉଛି ଶାରିରିକ,ମାନସିକ ଓ ଅଧ୍ୟାତ୍ମିକତାର ଅଭ୍ୟାସ ଯାହାର ମୂଳ ଉତ୍ସ ହେଉଛି ଭାରତ । ଏହି ପରିପ୍ରେକ୍ଷୀରେ ପତଂଜଳୀ ଯୋଗ ସମିତି ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆଜି ପ୍ରତ୍ୟୁଷରେ ଯୋଗ ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଦିବସକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନୁଗୋଳ ପତଂଜଳୀ ଯୋଗ ସମିତିର ସଭାପତି ଶ୍ରୀ ଅଭୟ ରାୟଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଯୋଡିବାର ନାମ ଯୋଗ, ପରମାତ୍ମା ସହିତ ଆତ୍ମାର ଯୋଗ । ଏକ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ଯୋଗ ଯେଉଁ ବ୍ୟାୟାମ ଓ ପ୍ରାଣାୟାମ ମାଧ୍ୟମରେ ହୋଇଥାଏ ତାହା ପ୍ରତ୍ୟେକ ବ୍ୟକ୍ତି ଅଭ୍ୟାସ କରିବା ଦରକାର । ଫଳରେ ଶରିର ଓ ମନ ନିରୋଗ ରହିଥାଏ । ଯୋଗର ମାହାତ୍ମ୍ୟକୁ ବୁଝିବା ସହିତ ତାହାର ଉପକାରିତାକୁ ଅନୁଭବ କରିବା ହେଉଛି ସୁସ୍ଥ ଜୀବନଯାପନର ମୁଖ୍ୟ ମାଧ୍ୟମ । ଯୋଗ ଦିବସ କେବଳ ଭାରତ ନୁହେଁ ବିଶ୍ୱର ପ୍ରାୟ ୧୭୦ ରୁ ଊର୍ଦ୍ଧ୍ୱ ଦେଶ ପାଳନ କରୁଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଯୋଗ ଓ ପ୍ରାଣାୟାମ ଶରୀର ଓ ମନକୁ ସୁସ୍ଥ ରଖିବା ସହ







ଏକ ନିରୋଗ ଜୀବନଯାପନ କରିବାରେ ସହାୟତା ହୋଇଥାଏ ବୋଲି ମୁଖ୍ୟ ଅତିଥି ପ୍ରକାଶକରିଥିଲେ । ଚଳିତ ବର୍ଷ ଯୋଗର ବାର୍ତ୍ତା 'ମାନବ ଜାତି ପାଇଁ ଯୋଗ' ଉପରେ ପତଂଜଳୀ ଯୋଗ ସମିତିର ସଭାପତି ଆଲୋକପାତ କରିବାସହ ସମିତି ଦ୍ୱାରା ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଜନମଂଗଳ କାର୍ଯ୍ୟ ସମ୍ପର୍କରେ ସୁଚନା ପ୍ରଦାନକରିଥିଲେ । ଜିଲ୍ଲାକ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାରସିଠ, ମହିଳା ପତଂଜଳୀ ଯୋଗ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସନ୍ଧ୍ୟାରାଣୀ ମିଶ୍ର,ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀ ମିନତୀ, ନେହେରୁ ଯୁବ କେନ୍ଦ୍ରର ଉପ-ନିର୍ଦ୍ଦେଶକ ପ୍ରଦୀପ, ଭାରତୀୟ ଯୋଗ ସଂସ୍ଥାନର ସମ୍ପାଦିକା ସଂଯୁକ୍ତା ପାଲ ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ଓ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝି ପ୍ରମୁଖ ଯୋଗ ଦେଇ ଯୋଗ ପ୍ରାଣାୟାମ ଅଭ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ହାଇସ୍କୁଲ, ପି ଟି ସି ହାଇସ୍କୁଲ, ବିବେକାନନ୍ଦ ଟ୍ୱିଟୋରିଆଲ,ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ, ନେହେରୁ ଯୁବ କେନ୍ଦ୍ର, ଏନ୍ ସି ସି ଓ ଏନ୍ ଏସ୍ ଏସ୍,ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ମହାବିଦ୍ୟାଳୟ ଓ ଉତ୍କଳ କରାଟେ ସଂଘର ସଦସ୍ୟ ସଦସ୍ୟା ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ । ପତଂଜଳୀ ଯୋଗ ସମିତିର ସଦସ୍ୟ ଶ୍ରୀ ସୁବୋଧ ମିଶ୍ର, ଶ୍ରୀ ଟୁକୁନା ମହାପାତ୍ର ,ଶ୍ରୀ ଶସିଭୂଷଣ ସ୍ୱାଇଁ, ଶ୍ରୀ ବିଦ୍ୟାଧର ପ୍ରଧାନ,ଶ୍ରୀ ସଂଜିବ ନାୟକ, ଶ୍ରୀ ହଳଧର ବିଶ୍ୱାଳ, ଶ୍ରୀ ପ୍ରମୋଦ ପ୍ରଧାନ, ଶ୍ରୀ ବୀରବର ସାହୁ, ଶ୍ରୀ ଅମିୟ କର, ଶ୍ରୀ ବିଭୁତି ଆଚାର୍ଯ୍ୟ, ଶ୍ରୀ ସୁରେଶ ସାହା ଓ ଯୋସ୍ନାରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଅନୁରୁପ ଭାବେ ଇନ୍‌ଡୋର ଷ୍ଟାଡିୟମ ଠାରେ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।